# ମୟୂରଭଞ୍ଜର ଲୋକ ସାହିତ୍ୟ ପରମ୍ପରାରେ : କୁର୍ମାଲୀ ଲୋକ ସାହିତ୍ୟ



ଡକ୍ଟର ଆଦିକନ୍ଦ ମହାନ୍ତ

ମୟୂରଭଞ୍ଜର ଲୋକ ସାହିତ୍ୟ ପରମ୍ପରା ସମ୍ପର୍କରେ ଆଲୋଚ଼ନା କରିବା ପାଇଁ ଗଲାବେଳେ ପ୍ରଥମେ ମୟୂରଭଞ୍ଜର ଭୌଗୋଳିକ ସ୍ଥିତି ଓ ଏଠାରେ ବାସ କରୁଥିବା ଲୋକମାନଙ୍କ ସମ୍ପର୍କରେ ଦ୍ୱିକଥା କହିବା ଅତି ଜରୁରୀ ବୋଲି ମନେହୁଏ । ଆଜି ହୁଏତ ମୟୂରଭଞ୍ଜ ଓଡ଼ିଶାର ଏକ ଜିଲ୍ଲା ହୋଇପାରେ ହେଲେ ୧୯୪୮ ମସିହା ପର୍ଯ୍ୟନ୍ତ ଏହା ଏକ ସ୍ୱତନ୍ତ୍ର ରାଜ୍ୟର ମର୍ଯ୍ୟାଦା ପାଇ ଭଞ୍ଜବଂଶର ରାଜାମାନଙ୍କ ଦ୍ୱାରା ଦୀର୍ଘ ଦେଢଶହ ବର୍ଷ ଧରି ଶାସିତ ହୋଇ ଆସିଛି । ପୁଣି ଯେତେବେଳେ ଓଡ଼ିଶାର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା ସେ ସମୟରେ ମୟୂରଭଞ୍ଜର ସୀମା ବର୍ତ୍ତମାନର ଝାଡଖଣ୍ଡ ପ୍ରଦେଶର ରାଞ୍ଚିଠାରୁ ଓଡ଼ିଶାର ଭଦ୍ରକ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ତେଣୁ ମୟୂରଭଞ୍ଜର ଲୋକ ସାହିତ୍ୟ ପରମ୍ପରା ଆଲୋଚ଼ନା କରିବାକୁ ଗଲାବେଳେ ଉତ୍ତର ଓଡ଼ିଶା ସୀମାକୁ ଲାଗିଥିବା ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ମଧ୍ୟପ୍ରଦେଶ ଏବଂ ଆସାମର ଲୋକ ସାହିତ୍ୟ କଥା ବି ସମାନ୍ତର ଭାବେ ଆଲୋଚ଼ନା ପରିସରକୁ ସ୍ୱତଃ ଧସି ଆସିବା ସ୍ୱାଭାବିକ । ଆଉ ଏ ଅଞ୍ଚଳର ଲୋକମାନେ ଆଜି ହୁଏତ ରାଜନୈତିକ ସୀମା ଚିହ୍ନଟ ସକାଶେ ବିଭିନ୍ନ ପ୍ରଦେଶ ଭିତରେ ରହି ଯାଇଥାଇ ପାରନ୍ତି, ହେଲେ ସାଂସ୍କୃତିକ ଦୃଷ୍ଟିକୋଣରୁ ଏ ସମସ୍ତ ଲୋକମାନଙ୍କ ସମ୍ପର୍କ ଅଭିନ୍ନ ଏବଂ ଅଭେଦ୍ୟ ।

ଏ ଅଞ୍ଚଳରେ ବାସ କରୁଥିବା ସାନ୍ତାଳ, ମୁଣ୍ଡା, ଭୂମିଜ, ବାଥୁଡ଼ି, ହୋ, କୋହ୍ଲ ଆଦି ଜନଜାତି (TRIBE) ଏବଂ କୁଡ଼ମୀ, ପୁରାଣ, କମାର, ଗଞ୍ଜୁ, ମୋତି, ବଶାଳ, କୁମ୍ଭାର ଆଦି ମୂଳବାସୀ (Indigenous People) ତଥା ଏମାନଙ୍କ ବନ୍ଧୁ ଜାତି ବାରିକ, ଧୋବା, ତେଲି, ଘୁନିଆ, ସଦ୍‌ଗଦ୍, ଖୋଲା, ବଣିଆ ଆଦି ଜାତିର ମିଶ୍ରିତ ଲୋକ ସାହିତ୍ୟ ହେଉଛି ମୟୂରଭଞ୍ଜର ଲୋକ ଜୀବନ ସାହିତ୍ୟ । ଏ ସମସ୍ତ ଲୋକ ସାହିତ୍ୟର ମୌଳିକତା ଓ ସ୍ୱାତନ୍ତ୍ର ରହିଥିଲେ ହେଁ ଏମାନେ ଗୋଟିଏ ସୂତ୍ରରେ କିନ୍ତୁ ପରସ୍ପର ବନ୍ଧା । କାରଣ ନୃତତ୍ତ୍ୱବିତ୍ ତଥା ସମାଜତତ୍ତ୍ୱବିତ୍‌ଗଣ ଏ ଅଞ୍ଚଳର ସଂସ୍କୃତିକୁ ଖେରୱାଲୀ ସଂସ୍କୃତି ବା ହଲ୍–ମିତାନ୍ ସଂସ୍କୃତି ଭାବେ ଚିତ୍ରଣ କରନ୍ତି । ତାଙ୍କ ମତରେ ଏଠାରେ ମୁଖ୍ୟତଃ ଦୁଇଟି ଜାତି ବାସ କରନ୍ତି । ଗୋଟିଏ ହେଉଛି ହଲ୍ ବା କୃଷକ ଜାତି ଓ ଅନ୍ୟଟି ହେଉଛି ତାନ୍ ବା କୃଷି ସହାୟକ ଜାତି । କୁଡ଼ମୀ, ସାନ୍ତାଳ, ମୁଣ୍ଡା, ବାଥୁଡ଼ି, ପୁରାଣ, ଗଞ୍ଜୁ, ଭୂମିଜ ଆଦି ଜାତିକୁ ହଲ୍ ବା କୃଷକ ଜାତି ଭାବେ ଚିହ୍ନିତ କରାଯାଏ । ଏମାନଙ୍କ ସହାୟକ ଜାତି ଭାବେ କମାର, କୁମ୍ଭାର, ମୋଚି, ବାରିକ, ଧୋବା, ମାହାଲି, ଡମ ଆଦି କୌଳିକ ବୃତ୍ତିଧାରୀ ତଥା କାରିଗରୀ ଜାତି ମାନଙ୍କୁ 'ମିତାନ୍' ଜାତି ଭାବରେ ନୃତତ୍ତ୍ୱବିତ୍ ତଥା ସମାଜ ତତ୍ତ୍ୱ ବିଦ୍‌ମାନେ ଚିହ୍ନିତ କରନ୍ତି । କାରଣ ଏମାନେ ଦେଖିଛନ୍ତି ଏ ଅଞ୍ଚଳର 'ହଲ୍' ଜାତିର ସେବାକାରୀ 'ମିତାନ୍' ଜାତିମାନେ ବର୍ଷଯାକ କୃଷକ ହଲ୍ ଜାତିର କାମ କରି ବର୍ଷ ଶେଷରେ ମକର ପର୍ବର ଅବ୍ୟବହିତ ପୂର୍ବରୁ ନିଜର ପାଉଣା ନିଅନ୍ତି । ଏହାର ନାମ 'ବର୍ତ୍ତନୀ' । ଏଇ ବର୍ତ୍ତନୀ ପାଉଣା ପାଇଁ ହଲ୍ କୃଷକ ଜାତିର ଗ୍ରାମ ଉପରେ 'ମିତାନ୍' ଜାତିର ଏକ ଅଧିକାର ଥାଏ, ଯାହାକୁ 'ଗାଁ ଘର' ପ୍ରଥା କୁହାଯାଏ । ଏଇ 'ଗାଁ ଘର ବର୍ତ୍ତନୀ' ପ୍ରଥା ମାଧ୍ୟମରେ ଉପର ବର୍ଣ୍ଣିତ 'ହଲ୍' ଓ 'ମିତାନ୍' ଜାତି ସମୂହ ପରସ୍ପରର ଫୁଲ, ମୈତ୍ର, ସଇହା, ସମୁଦି ଆଦି ସମ୍ପର୍କରେ ସମ୍ପର୍କିତ ହୋଇପଡ଼ି ଭାଇଚାର ଭାବରେ ନିଜ ନିଜ ଭିତରେ ବାନ୍ଧି ହୋଇ ଏକାକାର ହୋଇ ପଡ଼ନ୍ତି । କାରଣ ମୟୂରଭଞ୍ଜରେ ବାବୁ ଶବ୍ଦର ପ୍ରଚ଼ଳନ ବଡ଼ ସଂକୁଚିତ ଥିଲା । ରାଜାଙ୍କ ରକ୍ଷିତା ସ୍ତ୍ରୀର ପୁତ୍ରକୁ 'ବାବୁ' ସମ୍ବୋଧନ କରାଯାଉଥିବାରୁ ମୟୂରଭଞ୍ଜବାସୀ ପରସ୍ପର

ଅନ୍ୟକୁ ଭାଇ, ଦାଦା, ମଉସା, ଅଜା, ଜେଠା, କକା ଆଦି ସମ୍ବୋଧନ କରିବାର ପ୍ରଥା ଥିଲା ଓ ଆଜିବି ଗାଁ ଗହଳିରେ ଏ ପ୍ରଥା ପ୍ରଚଳିତ ରହି ସମାଜରେ ଭାଇଚାରା ଭାବର ପ୍ରଚାର ପ୍ରସାର ହୋଇ ଚାଲିଛି । ଫଳରେ ଏଠାକାର ଲୋକ ସାହିତ୍ୟ ମଧ୍ୟ ମିଶ୍ର ଲୋଟକ ସାହିତ୍ୟ ଭାବେ ପ୍ରତ୍ୟେକ ଅନ୍ୟ ସହିତ ସମ୍ପର୍କିତ ।

ମୟୂରଭଞ୍ଜର ଲୋକଭାଷା ମଧ୍ୟରୁ ଅଧିକାଂଶ ଭାଷାର ନାମ କରଣ ଜାତିଶ୍ରୟୀ । ଯେପରି ସାନ୍ତାଳ ମାନଙ୍କ ଭାଷା ସାନ୍ତାଳୀ, ମୁଣ୍ଡା ମାନଙ୍କ ଭାଷା ମୁଣ୍ଡାରୀ, କୁଡମୀ ମାନଙ୍କ ଭାଷା କୁର୍ମାଲୀ ଆଦି । ତେବେ ଏଇ ସମସ୍ତ ଭାଷା ଯେ କେବଳ ସେହି ଜାତିର ଲୋକ ହିଁ କହନ୍ତି ସେ କଥା ନୁହେଁ । ମୁଖ୍ୟତଃ ସେଇ ଜାତିର ଲୋକମାନଙ୍କ ସେ ଭାଷା ମାତୃଭାଷା ହୋଇଥିବାରୁ ସେ ସବୁ ଭାଷା ସେଇ ଜାତିର ନାମକୁ ନେଇ ନାମିତ ହୋଇଥିବାର ଅନୁମାନ କରାଯାଏ ।

ଏ ପରିପ୍ରେକ୍ଷୀରେ କୁର୍ମାଲୀ ଭାଷାର ଲୋକ ସାହିତ୍ୟ ବିଷୟ ଆଲୋଚ଼ନା କରିବା ପାଇଁ ଗଲାବେଳେ ଏ କଥା ସ୍ୱଷ୍ଟ କରିଦେବା ଉଚିତ ହେବ ଯେ ଏ ଭାଷା କେବଳ କୁଡୁମୀ ଜାତି ଭିତରେ ସୀମିତ ନୁହେଁ । କୁଡୁମୀ ମାନଙ୍କ ବ୍ୟତୀତ ଏ ଭାଷା ମୟୂରଭଞ୍ଜର ଅନ୍ୟ କେତେକ ଜାତିର ମଧ୍ୟ ଅନ୍ୟତମ ମାତୃଭାଷା ଭାବେ ପରିଗଣିତ ହୁଏ । ସେସବୁ ଜାତିମାନଙ୍କ ମଧ୍ୟରୁ କେତେକ ମୁଖ୍ୟ ଜାତି ହେଲେ ଲୋଧା, କମାର, କୁମ୍ଭାର, ବଗାଳ, ମୁଣ୍ଡା, ଲୋହାର, ମଗଧା, ଗଉଡ଼, ଥେଣ୍ଟାରୀ, ମଗଧା, ଲାପିତ, ସଂଭୂଆ, ଭୂମିଜ, ଝୋଲା, ମୁସଲମାନ ।

ଏହା ବ୍ୟତୀତ ଏ ଭାଷା ଏ ଅଞ୍ଚଳର ହଲ୍-ମିତାନ ସଂସ୍କୃତର ସମସ୍ତ ଜାତିର ଲୋକମାନଙ୍କ ଏକ ଯୋଗସୂତ୍ରକାରୀ ଭାଷା (Lingua Framka) ଭାବେ ମଧ୍ୟ ଏକ ସମୟରେ ବହୁଳ ଭାବେ ବ୍ୟବହୃତ ହେଉଥିବାରୁ ବର୍ତ୍ତମାନ ମଧ୍ୟ ଏ ଭାଷା ପ୍ରାୟ ମୟୂରଭଞ୍ଜର ସମସ୍ତ ଜାତି ବ୍ୟବହାର ଅଳ୍ପ ବହୁତ କରିଥାଆନ୍ତି ।

ଏ ଭାଷା ମୁଖ୍ୟତଃ କୁଡମୀ ଜାତି ସହ ଜଡ଼ିତ ଥିବାରୁ ଏ ଭାଷାର ଲୋକ ସାହିତ୍ୟ କୃଷି କୈନ୍ଦ୍ରିକ । କାରଣ କୁଡୁମୀ ଜାତି କେବଳ ମୟୂରଭଞ୍ଜରେ ନୁହେଁ ସମଗ୍ର ଓଡ଼ିଶା ତଥା ଭାରତରେ ମଧ୍ୟ ଏକ କୃଷକ ଜାତି ଭାବରେ ପରିଚିତ । ଅନ୍ୟ ଜାତି ଜାଣିବାକୁ ପ୍ରାଧାନ୍ୟ ଦେଇ 'ବାଣିଜ୍ୟେ ବସତି ଲକ୍ଷ୍ମୀ' କହୁଥିବା ବେଳେ କୁର୍ମାଲୀ ପ୍ରବାଦ କହେ –

**''ଉତ୍ତମ ଖେତି ମଧ୍ୟମ ବାନ୍**
**ଦାସ କନିଷ୍ଠ ଭିକ୍ ନଦାନ୍ ।''**

ଅର୍ଥାତ୍ କୃଷି ହେଉଛି ଉତ୍ତମ କାର୍ଯ୍ୟ ଦ୍ୱିତୀୟରେ ବାଣିଜ୍ୟ, ତୃତୀୟରେ ଦାସ ବୃତ୍ତି, କିନ୍ତୁ ଭିକ୍ଷା ବୃତ୍ତି ଆଦୌ କରଣୀୟ ନୁହେଁ । ମୟୂରଭଞ୍ଜ ତଥା ଓଡ଼ିଶାରେ ବୋଧହୁଏ ଗୋଟିଏ ଜାତି କୁଡମୀ ଜାତି ଯେଉଁ ଜାତିର କେହି ଭିକ୍ଷୁକ ନଥିବେ । କାରଣ ଏ ଜାତି ଭିକ୍ଷା ବୃତ୍ତିକୁ ଆପଣାଇଥିବା ଲୋକଙ୍କୁ ଜାତିଚ୍ୟୁତ କରନ୍ତି । ଏ ସମ୍ପର୍କରେ ମୟୂରଭଞ୍ଜ ସଂମ୍ପର୍କିତ ଓଡ଼ିଶା ଗେଜେଟିୟର ସ୍ୱଷ୍ଟ ଉଲ୍ଲେଖ କରିଛି ।

X X X The Kurmi donot tolerate a person of their society begging for his living such a person is generally regarded as out-caste.

କୁର୍ମାଲୀ ଲୋକ ସାହିତ୍ୟର ସବୁ ବିଭାଗ ବେଶ୍ ବଳିଷ୍ଠ ଓ ଉନ୍ନତ ଥିଲେ ହେଁ ମୟୂରଭଞ୍ଜରେ ଏହାର ଲୋକଗୀତ ବିଭାଗଟିକୁ ସମସ୍ତେ ଆଦରର ସହ ଆପଣାଇଥାନ୍ତି ଏବଂ ଏ ବିଭାଗର ଝୁମର ସଙ୍ଗୀତ ମୟୂରଭଞ୍ଜର ଅନ୍ୟତମ ପରିଚୟ କହିଲେ ଅତ୍ୟୁକ୍ତି ହେବ ନାହିଁ ଏବଂ ଏଇ ଝୁମର ସଙ୍ଗୀତର ନାଟ୍ୟରୂପ 'ଛଉନୃତ୍ୟ' ସମଗ୍ର ଓଡ଼ିଶାର ଗର୍ବ ତଥା ଗୌରବ ନେଇ ବିଶ୍ୱ ପ୍ରସିଦ୍ଧ ବି ହୋଇ ପାରିଛି ।

ଏ ପରିପ୍ରେକ୍ଷିରେ କୁର୍ମାଲୀ ଲୋକଗୀତ ଆଲୋଚ଼ନାରୁ ଆରମ୍ଭ କରିବା ପାଇଁ ଗଲାବେଳେ ଏ ଆଲୋଚ଼ନାର ସୁଗମତାକୁ ଆଖି ଆଗରେ ରଖି ଏହାକୁ ମୁଖ୍ୟତଃ ତିନି ଭାଗରେ ବିଭକ୍ତ କରିପାରୁ :

୧. କୃଷି ଉତ୍ସବ ସମ୍ପର୍କିତ ଗୀତ
୨. ସଂସ୍କାର ମୂଳକ ଗୀତ
୩. ଅନ୍ୟାନ୍ୟ

କୁଡ଼ୁମି ଜନତା ତଥା କୁର୍ମାଲୀ ଭାଷା ଗୋଷ୍ଠୀ ମୁଖ୍ୟତଃ କୃଷି ଉପରେ ନିର୍ଭର କରୁଥିବାରୁ ଏମାନେ ଯେଉଁ କୃଷି ଉତ୍ସବ ସବୁ ପାଳନ କରନ୍ତି ସେସବୁ ମଧ୍ୟରୁ ମୁଖ୍ୟପର୍ବ ହେଲା (କ) ମକର (ଖ) କରମ ପୂଜା (ଗ) ଜାଅ୍ଆ ଉତ୍ସବ (ଘ) ଇଁଦ୍ (ଙ) ପଣା ସଂକ୍ରାନ୍ତି ବା ଛତୁଆ ପରବ (ଚ) ରୋହିନ୍ ଉତ୍ସବ (ଛ) ଡାକ ଉତ୍ସବ (ଜ) ବାଁନ୍ଦନା ପରବ ।

ପ୍ରତ୍ୟେକ ପର୍ବ ସହିତ ଗୀତ ଜଡ଼ିତ ହୋଇ ରହିଛି । ଏସବୁ ଦେଖିଲେ ମନେହୁଏ ସତେ ଯେପରି ସଙ୍ଗୀତ ଏ କୁର୍ମାଲୀ ଭାଷା ଗୋଷ୍ଠୀର ସାଧନାର ବସ୍ତୁ ନୁହେଁ । ଏହା ଏମାନଙ୍କ ସର୍ବଦା ସିଦ୍ଧି ଭାବେ ବିଦ୍ୟମାନ । କାରଣ ଏମାନଙ୍କ ଲୋକ ପ୍ରବାଦ କହେ –

**ଗାଇତେ ଗାଇତେ ଗଲା**
**ବଇତେ ବଇତେ ନାଲା ।**

ଅର୍ଥାତ୍ ଜଳ ପ୍ରବାହିତ ହେଲେ ହିଁ ନାଳ ବା ନଦୀ ସୃଷ୍ଟି ହେଲା ପରି ସଙ୍ଗୀତ ଗାଇଲେ ହିଁ ଗଳା ସାଧନା ସମ୍ଭବ ।

ଏହି ପରିପ୍ରେକ୍ଷିରେ ବିଚାର କଲେ ଏମାନେ ସଙ୍ଗୀତକୁ ତାଙ୍କ ଜୀବନର ଏକ ଅଂଶ ଭାବେ ଗ୍ରହଣ କରି ପ୍ରତିକ୍ଷେତ୍ରରେ ସଙ୍ଗୀତକୁ ଜଡ଼ିତ କରି କର୍ମ ଜଞ୍ଜାଳ ପୂର୍ଣ୍ଣ ଜୀବନକୁ ସରସ ସୁନ୍ଦର କରି ତୋଳି ଧରନ୍ତି । ମକର ପର୍ବ ଓ ଭାଷା ଗୋଷ୍ଠୀର କୃଷି ନବବର୍ଷ ଭାବେ ସମଗ୍ର ମୟୂରଭଞ୍ଜର ଜାତୀୟ ପର୍ବ ହୋଇ ପଡ଼ିଛି । ଏ ମକର ପର୍ବକୁ କୁର୍ମାଲୀ ଭାଷା ଗୋଷ୍ଠୀ କିପରି ଗୁରୁତ୍ୱ ପ୍ରଦାନ କରନ୍ତି ସେ ସମ୍ପର୍କରେ କୁର୍ମାଲୀ ଲୋକଗୀତ କହେ –

ଆକାଲ୍ ବଛର୍ ଆଇଲ ଝଡ଼
ନିଏଁ ଗେଲ ଚାଲେର୍ ଖଡ଼୍
ଖୁଦ୍ କୁଁଳା ଢୁକିଏଁ ଗେଲ ଢଲରେ
ମାଁସ୍ ପିଠା ଗୋ ହବେକ୍ ମକରେ ।

ଅର୍ଥାତ୍ ଦୁର୍ଭିକ୍ଷ ବା ଅକାଳ ପଡ଼ିଲା । ପରେ ପରେ ଭୀଷଣ ଝଡ଼ ହେଲା । ଘରର ଚାଳ ଉଡ଼ାଇ ନେଲା । ଖୁଦ୍ କୁଣ୍ଡା ବି ଘରେ ରହିଲାନି । ଏସବୁ ବିପତ୍ତି ସତ୍ତ୍ୱେ ବି ମକର ପର୍ବରେ ମାଂସ ଓ ପିଠା ନିଶ୍ଚୟ ହେବ ।

ଏ ଦୃଷ୍ଟି କୋଣରୁ କଲେ ମକର ପର୍ବରେ ମାଦଳ ଢୋଲ ଧମସାର ତାଳେ ତାଳେ କୁର୍ମାଲୀ ଭାଷା ଗୋଷ୍ଠୀ ଜନତା ଗୀତର ତାଳେ ତାଳେ ମାତାଲ ହୋଇ ଯାଆନ୍ତି । କେବଳ ପୁରୁଷମାନେ ନୁହେଁ ଆବାଳ ବୃଦ୍ଧ ନାରୀ ପୁରୁଷ ନିର୍ବିଶେଷରେ ସମସ୍ତେ ଆକାଶ ବତାସ କମ୍ପାଇ ନାଚି ଉଠନ୍ତି ସଙ୍ଗୀତର ତାଳେ ତାଳେ । କାରଣ ମକର ପର୍ବର ମଧ୍ୟମଣି ହେଉଛନ୍ତି ଏ ଭାଷାଗୋଷ୍ଠୀ ଜନତାର ସତୀ ଦେବୀ ଟୁସୁ ବା ତୁଷ୍ମମନୀ ।

ସତୀଦେବୀ ଟୁସୁ ବା ତୁଷ୍‌ମନୀ ଦେବୀଙ୍କ ଭସାଣ ଉତ୍ସବ ହେଉଛି ମକର ପର୍ବ । ଏ ଦେବୀ ଏକ ବିଚିତ୍ର ଦେବୀ । ଏ ଦେବୀ ଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗା ଆଦିଙ୍କ ପରି ମାତୃସ୍ଥାନୀୟା ଦେବୀ ଭାବେ ପୂଜିତ ହୁଅନ୍ତି ନାହିଁ । ଏ ଦେବୀ କୁମାରୀ କନ୍ୟା ମାନଙ୍କ ପାଖରେ ତାଙ୍କ କନ୍ୟା ଭାବେ ଆଦୃତା । ତେଣୁ ଟୁସୁ ପୂଜାରିଣୀ ଏ କୁମାରୀ କନ୍ୟାମାନଙ୍କୁ ଲକ୍ଷ୍ୟ କରି ସାଧାରଣ ଜନତା ଟୁସୁ ଗୀତ ସ୍ୱରରେ ଗାଇଥାଏ –

**ଟୁସୁମନୀର ମାଆ ଗୋ**
**ଆଲ୍‌ତା ପରହା ପାଆ ଗୋ ।**

ଅର୍ଥାତ୍ ହେ ଟୁସୁ ପୂଜାରିଣୀ ଟୁସୁ ଦେବୀର ମା’ । ତୋ ଅଳତା ରଞ୍ଜିତ ପାଦ କେତେ ସୁନ୍ଦର ସତେ ।

ଏଇ ଟୁସୁଗୀତ ମାଧ୍ୟମରେ ନାରୀ ଜୀବନର ସମସ୍ତ ଦୁଃଖ, ସୁଖ, ପ୍ରେମ ପ୍ରୀତି ତଥା ଐଶ୍ୱରୀକ ଚିନ୍ତାଧାରା ବ୍ୟକ୍ତି କରିଥାଏ ନାରୀ ସମାଜ । କୁର୍ମାଲୀ ଲୋକ ସାହିତ୍ୟର ସବୁଠାରୁ ବଳିଷ୍ଠ ସ୍ରଷ୍ଟା ହେଉଛନ୍ତି ନାରୀ ବା ମହିଳା ଆଶୁ କବି । ସେମାନେ ତାଙ୍କର ନିତ୍ୟ ନୈମିତ୍ତିକ କୃଷି ଭିତ୍ତିକ ଜୀବନ ଜଞ୍ଜାଳକୁ ଭୁଲିବା ପାଇଁ ବିଲ ରୁଆ, ଧାନ କଟା ଠାରୁ ଆରମ୍ଭ କରି ରୋଷେଇଶାଳର ଧାନ ସିଝା, ଧାନ କୁଟା, ଭାତ ତରକାରୀ ରନ୍ଧା ଆଦି ପ୍ରତ୍ୟେକ ସମୟରେ ଗୀତର ପସରା ମେଲନ୍ତି । (...କ୍ରମଶଃ)

କୁର୍ମାଲୀ ଭାଷା ଗୋଷ୍ଠୀ ଅପ୍ରାପ୍ତ ବୟସ୍କା କୁମାରୀ କନ୍ୟାମାନଙ୍କୁ କୃଷି ଓ ସଙ୍ଗୀତ ସହ ଜଡ଼ିତ କରାଇଛନ୍ତି କୁମାରୀ ବ୍ରତ ଜାଥିଆ ମାଧ୍ୟମରେ । 'ଜାଥିଆ' ଅର୍ଥ ଅଙ୍କୁରୋଦ୍‌ଗମ । ବିଭିନ୍ନ ଶସ୍ୟର ଅଙ୍କୁରୋଦ୍‌ଗମ କରାଇ 'କରମ' ଠାକୁରଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅପ୍ରାପ୍ତ ବୟସ୍କା କୁମାରୀ କନ୍ୟା ମାନଙ୍କ ବ୍ରତର ନାମ ଜାଥିଆ ବ୍ରତ ବା ଜାଥିଆ ଉତ୍ସବ । ନୂତନ ଡାଲାରେ ନିଷ୍ଠାର ସହ ଉପବାସ ରହି ନଦୀ ବା ପୁଷ୍କରଣୀ ବାଲି ସେଥିରେ ପୂରାଇ ପାରମ୍ପରିକ ରୀତିନୀତି ଅନୁସାରେ ଶସ୍ୟ ଦାନାର ଅଙ୍କୁରୋଦ୍‌ଗମ ଉପଚାର ହେଉଛି ଜାଥିଆ ବ୍ରତ । ଅଙ୍କୁରିତ ଦାନା ମିଶ୍ରିତ ଡାଲାର ନାମ 'ଜାଥିଆ ଡାଲି' । ଆଉ ଏଇ ଡାଲି ଚାରିପାଖରେ ସଙ୍ଗୀତ ଗାନ କରି ନୃତ୍ୟ କରିବା ହେଉଛି ଜାଥିଆ ବ୍ରତର ପୂଜା ବିଧି ।

ଏ ସମସ୍ତ ସଙ୍ଗୀତ ଆଚାର ଧର୍ମୀ ହୋଇଥିଲେ ହେଁ କୁର୍ମାଲୀ ଭାଷା ଗୋଷ୍ଠୀର ନାରୀ ଜୀବନଚର୍ଯ୍ୟାର ସମସ୍ତ କଥା ଏ ସଙ୍ଗୀତ ବହନ କରିଥାଏ । ତେବେ ଏ ଗୀତର ସବୁଠୁ ଆଲୋକିତ ଦିଗ ହେଉଛି ଏହା ଯୌନ ଭାବନା ଓ ଅଶ୍ଳୀଳତା ରହିତ । ଅପ୍ରାପ୍ତ ବୟସ୍କା କୁମାରୀ କନ୍ୟାମାନଙ୍କ ଉପରେ ହିଁ ଏ ଉତ୍ସବର ସମସ୍ତ ଆଚାର ପାଳନର ବିଧି ବ୍ୟବସ୍ଥା ନ୍ୟସ୍ତ ଥିବାରୁ ତାଙ୍କ ଚାରିତ୍ରିକ ସ୍ଖଳନ ଭୟରେ କୁର୍ମାଲୀ ଭାଷା ଗୋଷ୍ଠୀ ଏ ପ୍ରକାର ସଙ୍ଗୀତ ଗାନର ସ୍ୱାଧୀନତା ଦେଇ ନାହିଁ । ହେଲେ ନାରୀ ଜୀବନର ଶୈଶବ, କୈଶୋର, ଯୌବନ ଓ ବାର୍ଦ୍ଧକ୍ୟର ଆଶା, ଆକାଂକ୍ଷା, ବ୍ୟଥା, ବେଦନା, ହିଂସା, ଦ୍ୱେଷ ଆଦି ସମସ୍ତ କଥା ସୀମିତ ପରିବେଶ ଭିତରେ ବହୁଳ ଭାବେ ଜାଥିଆ ସଙ୍ଗୀତରେ ବ୍ୟକ୍ତ କରାଯାଇଥାଏ ।

ଟୁସୁ ଗୀତ ଓ ଜାଥିଆ ଗୀତ ଉଭୟ ଗୀତରେ ନାରୀର ପ୍ରାଧାନ୍ୟ ଥିଲେ ହେଁ ଟୁସୁ ଗୀତରେ ଯେପରି ନାରୀ ସ୍ୱାଧୀନ ଭାବରେ ନିଜ କଥା ବ୍ୟକ୍ତ କରେ ଜାଥିଆ ଗୀତରେ ସେ ପ୍ରକାର ସ୍ୱାଧୀନତା ନଥାଏ, ଏ ଗୀତ ରଚନାରେ ସଂଯମତା ରକ୍ଷା କରାଯାଏ । ଯଦିଓ ଉଭୟ ଗୀତର ରଚୟିତା ହେଉଛନ୍ତି ମହିଳା ଓ ଗାୟିକା ବି ସେଇ ମହିଳା ।

ଟୁସୁ ଗୀତରେ ମକର ପର୍ବରେ ଜଣେ ନାରୀ ନୂତନ ବସ୍ତ୍ର ନ ପାଇବାର ଦେଖିଲେ ଅନ୍ୟ ଜଣେ ସ୍ପଷ୍ଟ ବ୍ୟକ୍ତ କରେ ।

ତୁଇଁଲେ ଲୋ ଗଳାଇ ଦଳି
ଏତେ ବଡ଼ ପୁଷ୍ ପରବେ
ମିଲ୍‌ଲନା ଶାୟା ଶାଢ଼ୀ ।

ଅର୍ଥାତ୍ ତୋତେ ଏତେ ବଡ଼ ମକର ପର୍ବରେ ନୂତନ ବସ୍ତ୍ର ମିଳିଲା ନାହିଁ ତେଣୁ ତୋର ଗଳାରେ ଦୌଡ଼ି ଦେଇ ମରିଯିବା ଉଚିତ୍ ।

ନାରୀର ଦୁଃଖ ବର୍ଣ୍ଣନା ଜାଥିଆ ଗୀତରେ ବି ରହିଛି । ହେଲେ ସେ ସବୁରେ ଶାଳୀନତା ଓ ସଂଯମତା ଯଥେଷ୍ଟ । ଯଥା :–

ଶାଶେକର ଦେଶେ ଭାଲା ଢାକଲ୍ ଢାକଲ୍ ପାତ୍ ଗୋ
ଶାଶେ ବାଁଟେଇ ଏକେଇ ଚାଟୁ ଭାତ୍
ମାୟେକୀ ଦେଶେ ଭାଲା ଛୁଟୁ ଛୁଟୁ ପାତ୍ ଗୋ
ମାଏଁ ବାଁଟେଇ ଖାଲି ଭରି ଭାତ୍ ।

ଅର୍ଥାତ୍ ଶାଶୁଙ୍କ ଅଞ୍ଚଳରେ ବଡ଼ ବଡ଼ ପତ୍ର ମିଳୁଥିଲେ ବି ଶାଶୁ ଚଟୁଏ ମାତ୍ର ଭାତ ଦିଅନ୍ତି, ହେଲେ ମାଆର ଅଞ୍ଚଳରେ ଛୋଟ ଛୋଟ ପତ୍ର ମିଳୁଥିଲେ ମାଆ ଲି ପୂର୍ଣ୍ଣ ଭାତ ପରିବେଷଣ କରନ୍ତି ।

କୁର୍ମାଲୀ ଭାଷାଗୋଷ୍ଠୀର ସବୁଠୁ ବଡ଼ ଗଣ ପୂଜା ଉତ୍ସବ ହେଉଛି କରମ ଦେବତା ପୂଜନ ଉତ୍ସବ । ଏହା ବୃକ୍ଷ ପୂଜାର ମହୋତ୍ସବ । ବୃକ୍ଷ ଭିତରେ inherent soul and embodied sprit ବା ଅନ୍ତର୍ଗତ ଆତ୍ମାର ସାକାର ଜୀବସତ୍ତା ଅନୁଭବ କରି ପୂଜାର ଏ ଏକ ଆଡମ୍ବରପୂର୍ଣ୍ଣ ଅନୁଷ୍ଠାନ । ଏହି ସହିତ ଏକ ବ୍ରତ କଥା ବି ଜଡ଼ିତ । କର୍ମୁ ଓ ଧର୍ମୁ ନାମକ ଦୁଇ ନାୟକ ଏ ବ୍ରତ କଥାର ମୁଖ୍ୟ ହେଲେ ହେଁ ସାମାଜିକ ନିୟମ ନିଷ୍ଠା ବିଷୟ ବର୍ଣ୍ଣନା ଫାଙ୍କରେ ଅନ୍ୟ କେତେକ ନାୟକ ନାୟିକା ସହ ଗୋରୁ, ଗାଈ, ମଇଁଷି,

ଘୋଡ଼ା ଆଦି ଜୀବ ସହ ଡୁମୁରୀ ବୃକ୍ଷ, ପୁଷ୍କରଣୀ, ମଗର ଆଦି ବି ଉପନାୟକ ନାୟିକା ହୁଅନ୍ତି । ଏ ଉତ୍ସବର ସଙ୍ଗୀତ କରମ ଗୀତ, ଝିଙ୍ଗାଫୁଲିଆ ଗୀତ, ପାନ୍ତା ନାଚ଼ ଗୀତ ତଥା ଭାଦରିଆ ଝୁମର ଭାବରେ ବି ଖ୍ୟାତ । ରାତି ଯାକ ଗୀତ ଗାଇ କରମ ଦେବତାଙ୍କୁ ବେଷ୍ଟନ କରି ନୃତ୍ୟ କରିବା ଏ ଉତ୍ସବର ମୁଖ୍ୟ ଆକର୍ଷଣ ।

ଏ ପୂଜାର ଆବାହନ ସଙ୍ଗୀତ ହେଉଛି –

''ଆଜ୍ ତରେ କରମ ରାଜା ଘାରେ ଦୁଆରେ
କାଲ୍ ତରେ କରମ ରାଜା କାଂଶ ନଦୀକ୍ ପାରେ ।''

ବିସର୍ଜନ ସଙ୍ଗୀତ ହେଉଛି –

ଜାଓଅ ଝାଓଅ କରମ ରାଜା
ଏହ ଛୟ ମାସ୍
ପଡ଼ଲେ ନିରନ ମାସ
ଆନବ ଘୁରାଁୟ୍ ।

ଆବାହନ ସଙ୍ଗୀତ କାଂଶନଦୀ ବା କଂସାବତୀ ନଦୀ ଅର୍ଥାତ୍ ମହାକବି କାଳିଦାସଙ୍କ ରଚିତ ରଘୁବଂଶମ୍ କାବ୍ୟ ବର୍ଣ୍ଣିତ କପିଶା ନଦୀ ସୂଚ଼ନା ପ୍ରଦାନ କରି ରଘୁଙ୍କ ଦିଗ୍‌ବିଜୟ ବର୍ଣ୍ଣନାରେ କପିଶା ନଦୀ ପାର ହୋଇ ଉତ୍କଳ ପ୍ରବେଶ ସମୟର ସଭ୍ୟତାର ସୂଚ଼ନା ପ୍ରଦାନ କରିଥାଏ । କାରଣ ଭାରତ ଇତିହାସ ସିନ୍ଧୁ ସଭ୍ୟତା, ଗାଙ୍ଗେୟ ସଭ୍ୟତା ଓ କଂସାବତୀ ସଭ୍ୟତାକୁ ସମାନ ମାନ୍ୟତା ଦେଇଛି । ତେଣୁ କୁଡୁମୀ ଭାଷାଗୋଷ୍ଠୀ ଯେ ପ୍ରାଚୀନ ଭାରତୀୟ ସାହିତ୍ୟ ସଂସ୍କୃତିର ଧାରକ ଓ ବାହକ ଏକଥା ମଧ୍ୟ ସ୍ପଷ୍ଟ ହୋଇପଡେ ।

ଠିକ୍ ସେହିପରି ବିସର୍ଜନ ସଙ୍ଗୀତ ମଧ୍ୟ ଭାରତୀୟ ସଭ୍ୟତାର ଛଅ ମାସ ଗଣନା ଓ ବାରମାସ ଗଣନାର ସୂଚ଼ନା ଦେଇ ଏ ଭାଷା ଗୋଷ୍ଠୀର ପ୍ରାଚୀନତାର କଥା କହେ । ଏ ଭାଷା ଗୋଷ୍ଠୀର କିମ୍ବଦନ୍ତୀ କହେ ଥରେ ଥରେ ପଣ୍ଡିତ ବରାହ ମିହିର ଓ ଖନାଙ୍କ ମଧ୍ୟରେ ଏକ ଗାଈର ପିଲା ଜନ୍ମକୁ ନେଇ ଯୁକ୍ତି ହେଲା । ବରାହ ମିହିର ଗାଈଟି ନାଲି ବାଛୁରୀ ହେବ ବୋଲି ଗଣନା କରିଥିବା ବେଳେ ଖନା ଧଳା ବାଛୁରୀ ହେବ ବୋଲି କହିଥିଲେ । ସର୍ତ୍ତଥିଲା ଯାହାର ଗଣନା ଭୁଲ ହେବ ସେ ନିଜ ଜିଭ କାଟି ନେବେ । ଗାଈ ଜନ୍ମ କଲା ନାଲି ବାଛୁରୀ । ସର୍ତ୍ତ ଅନୁସାରେ ଖନା ତତ୍‌କ୍ଷଣାତ୍ ଜିଭ କାଟି ନେଲେ ସିନା ପରେ ଗାଈ ଚାଟି ବାଛୁରୀକୁ ସଫା କଲା ପରେ ଜଣାଗଲା ବାଛୁରୀଟି ସମ୍ପୂର୍ଣ୍ଣ ଧଳା ।

ଗୋଟିଏ ସାମନ୍ୟ କଥା ଓ ଭୁଲଗଣନା ପାଇଁ ବରାହ ମିହିର ବିଦୁଷୀ ଖନାଙ୍କୁ ଏତେ ବଡ଼ ସର୍ତ୍ତରେ ଦଣ୍ଡିତ କରି ଥିବାରୁ ନିଜକୁ ଦୋଷୀ ବୋଲି ମାନି ତାଙ୍କ ଗଣନାର ଭୁଲ କେଉଁଠି ରହିଲା ବୋଲି ବିଦୁଷୀ ଖନାକୁ ପ୍ରଶ୍ନ କଲେ । ଖନା କହିଲେ ବରାହ ମିହିର ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀର ଆହ୍ନିକଗତି ଓ ବାର୍ଷିକ ଗତିକୁ ନେଇ ତିନିଗ୍ରହ ନକ୍ଷେତ୍ରର ଦିଗୁଣା ଅର୍ଥାତ୍ ଛଅ ମାସ ବା ଛଅ ଭାଗରେ ନିଜ ଗଣନା କରୁଛନ୍ତି, ହେଲେ ପୃଥିବୀ ଉପରେ ନକ୍ଷତ୍ରର ଗତି ମଧ୍ୟରୁ ୧୨ଟି ନକ୍ଷତ୍ରର ପ୍ରଭାବ ପୃଥିବୀ ଉପରେ ୩୦ (ତିରିଶ) ଦିନ ଲେଖା ଥିବାର ଲକ୍ଷ୍ୟ କରି ତଦନୁସାରେ ୧୨ ମାସ ଗଣନା ପ୍ରବର୍ତ୍ତନ କଲେ । ସେ ସବୁ ନକ୍ଷତ୍ର ଓ ମାସର ନାମ ହେଉଛି –

୧. ବିଶାଖା – ବୈଶାଖ, (୨) ଜେଷ୍ଠା – ଜ୍ୟେଷ୍ଠ, (୩) ଉତ୍ତରାଷାଢ଼ା ଓ ପୂର୍ବାଷାଢା – ଆଷାଢ (୪) ଶ୍ରାବଣା – ଶ୍ରାବଣ, (୫) ଉତ୍ତର ଭାଦ୍ର ଓ ପୂର୍ବଭାଦ୍ର – ଭାଦ୍ରବ, (୬) ଅଶିଣା – ଆଶ୍ୱିନ, (୭) କୃତ୍ତିକା – କାର୍ତ୍ତିକ, (୮) ମୃଗଶିରା – ମାର୍ଗଶୀର, (୯) ପୁଷ୍ୟା – ପୌଷ, (୧୦) ମଘା – ମାଘ, (୧୧) ଉତ୍ତର ଫାଲଗୁନୀ ଓ ପୂର୍ବ ଫାଲ୍‌ଗୁନୀ – ଫାଲଗୁନ ଓ (୧୨) ଚିତ୍ରା – ଚୈତ୍ର ।

ନକ୍ଷେତ୍ରରୁ ମାସ ନାମକରଣ ପରେ ଏ ଗଣନା ଭାରତରେ ପ୍ରବର୍ତ୍ତନ ହେବା ପୂର୍ବରୁ ଯେଉଁ ଛଅମାସ ଗଣନା ଥିଲା ସେ ସବୁ ସହିତ କୁର୍ମାଲୀ ଭାଷାଗୋଷ୍ଠୀ ଜଡ଼ିତ ଥିବା ସ୍ମୃତି ବହନ କରେ କରମ ଉତ୍ସବର ଭସାଣଗୀତ । ଆଉ ସେ ଛଅମାସର ନାମ କୁର୍ମାଲୀ ପ୍ରବାଦରେ ରହିଛି ।

ମଧୁ ମାସେ ବେହା ସାଧି
ଧରା ମାସେ କୁଁଳା ଖାଦି